# ତୃତୀୟ ପାଠ

## ବଣଭୋଜି

5HX59N

ଖୁସିରେ ପିଲେ କରିଲେ ଭୋଜି
ମାରିଲେ ମିଶି ତାଳି,
ଦେଖିଲେ ବଣ ଝରଣା ନଈ
ଖାଇଲେ ବୁଲି କୋଳି।
ସଭିଏଁ ମିଳି ରାନ୍ଧି ଖାଇଲେ
ଭାତ ଡାଲି ତରକାରୀ,
ମନଖୁସିରେ ଘରକୁ ଗଲେ
ହିପ୍ ହିପ୍ ହୁର୍‌ରେ କରି ।



- ପିଲାମାନେ, ତୁମେ ତ ବଣଭୋଜି କରିଥିବ। ଏହିଠାରେ ଦେଖ ବଣଭୋଜିର ଚିତ୍ରଟିକୁ। ଏଥିରେ ପିଲାମାନେ କ'ଣ କ'ଣ ରାନ୍ଧି ଖାଇଛନ୍ତି ଅନୁମାନ କରି ଲେଖ।

| ଭୋଜିରେ ରାନ୍ଧି ଖାଇଥିବା ଖାଦ୍ୟର ନାମ | ସେହି ଖାଦ୍ୟଗୁଡ଼ିକ କେଉଁଥିରୁ ତିଆରି ? | ତୁମ ଅଞ୍ଚଳରେ ଏହାକୁ କିଏ ଯୋଗାଏ ? |
|---|---|---|
| | | |
| | | |
| | | |

ଏହାଛଡ଼ା ତୁମେ ଆଉ କ'ଣ କ'ଣ ଖାଅ, ଲେଖ।

ଚିତ୍ରରେ ରଙ୍ଗ ଦିଅ ।



ଆମେ ବଂଚିବା ପାଇଁ ଖାଦ୍ୟ, ରହିବା ପାଇଁ ଘର ଓ ପିନ୍ଧିବା ପାଇଁ ଲୁଗା ଦରକାର । ଏସବୁ ମିଳେ କେଉଁଠୁ ? ବିଭିନ୍ନ ଲୋକ ବିଭିନ୍ନ ପ୍ରକାର କାମ କରନ୍ତି । ସେମାନେ ଆମର ଦରକାରୀ ଜିନିଷ ସବୁ ଉତ୍ପାଦନ କରନ୍ତି । ଆମେ ସେମାନଙ୍କୁ ପଇସା ବା ଅନ୍ୟକିଛି ଜିନିଷ ଦେଇ ସେସବୁ କିଣୁ । ସେଗୁଡ଼ିକ ଯେଉଁମାନେ ଆମକୁ ଯୋଗାଇଥାଆନ୍ତି, ସେମାନଙ୍କ ବିଷୟରେ ଅଭିନୟ କରି ଗୀତଟିଏ ଗାଅ । ଗୀତରୁ ତାଙ୍କ ବୃତ୍ତି କ'ଣ ଅନୁମାନ କର ।

## ବୃତ୍ତି



ହାତରେ ଜାଲ, କାଖେ ଖାଳେଇ
ନଇ ପୋଖରୀ କୂଳେ,
ପାଣିରୁ ଧରି ଆଣିଲେ ମାଛ,
କୁଟୁମ୍ବ ମୋର ଚଳେ ।



ବରଷା ଖରା ଶୀତ କାକର
ସହି ଥରକୁ ଥର,
ସରଜି ଦିଏ ଫସଲ ଢେଉ
ଏଇ କ୍ଷେତରେ ମୋର ।

ଗାଈ ମଇଁଷି ପାଳଇ ମୁହିଁ
ପାଳେ କୁକୁଡ଼ା ଛେଳି,
ଅରଜି ଧନ ସେହି କାମରୁ
କୁଟୁମ୍ବ ମୋର ପାଳି ।





ବୁଲାଇ ଚକ ଚଳାଇ ହାତ
ମାଟି ପିଣ୍ଡୁଳା ପରେ,
ହାଣ୍ଡି ପଲମ ମାଠିଆ ଘଡ଼ି
ଗଢ଼ଇ ମଉଜରେ ।



ବାଙ୍କ ସଳଖି ବାରିସି ଧାରେ
କରତେ କାଟି କାଠ,
ମେଜ ଚଉକି ଲଙ୍ଗଳ କଣ୍ଟି
ଗଢ଼ି ପୋଷଇ ପେଟ ।



ଭାଟିରେ ମୋର ତାତିଲା ଲୁହା
ହାତୁଡ଼ି ମାଡ଼ ଖାଏ,
ଦାଆ କଟୁରୀ କୋଦାଳ କୋଡ଼ି
ମୁହିଁ ଯୋଗାଇ ଦିଏ ।



ଚଳାଇ ତନ୍ତ କରି ମିହନ୍ତ
ବୁଣେ କପଡ଼ା ଥାନ,
ଲୁଗା ଗାମୁଛା ଶାଢ଼ି ଯୋଗାଇ
ମେଣ୍ଟାଏ ଗୁଜୁରାଣ ।

**ଶିକ୍ଷକଙ୍କ ପାଇଁ ସୂଚନା** - ପିଲାମାନେ ଗୋଲେଇ କରି ଛିଡ଼ା ହେବେ । ଗୀତଟିକୁ ଅଭିନୟ ସହ ଶିକ୍ଷକ ଆବୃତ୍ତି କରିବେ । ପିଲାମାନେ ଶିକ୍ଷକଙ୍କୁ ଦେଖି ଆବୃତ୍ତି କରିବା ସଙ୍ଗେ ସଙ୍ଗେ ଅଭିନୟ କରିବେ । ଏହିପରି ଥରେ ଆବୃତ୍ତି ପରେ ଶିକ୍ଷକ ଅଭିନୟ କରିବେ, ପିଲାମାନେ ପଦ ଆବୃତ୍ତି କରିବେ । ତା'ପରେ ପିଲାମାନେ ନିଜେ ନିଜେ ସେମାନଙ୍କ ମଧ୍ୟରେ ଏହିପରି କରିବେ ।

ଆମେ ସାଧାରଣତଃ ଭାତ, ରୁଟି, ଡାଲି, ପନିପରିବା, ଦୁଧ, ମାଛ, ମାଂସ, ଅଣ୍ଡା ଓ ଫଳମୂଳ ଖାଇଥାଉ । ଖାଦ୍ୟ ପାଇଁ ଆମେ ଫସଲ ଉପରେ ନିର୍ଭର କରୁ । ଭାତ ପାଇଁ ଚାଉଳ ଦରକାର । ଚାଉଳ ଧାନରୁ ମିଳେ । ରୁଟି ପାଇଁ ଅଟା ଦରକାର । ଅଟା ଗହମରୁ ମିଳେ । ହରଡ଼, ମୁଗ, ବିରି, କୋଳଥରୁ ଡାଲି ମିଳେ । ଏସବୁକୁ ଖାଦ୍ୟ ଶସ୍ୟ କୁହାଯାଏ । ଆଉ ମଧ୍ୟ ସୋରିଷ, ବାଦାମ, ରାଶି(ଖସା), ଅଳସି, ସୂର୍ଯ୍ୟମୁଖୀ, ନଡ଼ିଆ ଇତ୍ୟାଦିରୁ ତେଲ ମିଳେ । ଆଳୁ, ବାଇଗଣ, କଦଳୀ, କଲରା, ଭେଣ୍ଡି, ଜହ୍ନି, କୋବି, ଟମାଟୋ ଆଦି ପରିବା ଆମେ ଖାଇଥାଉ । ଆମ୍ବ, ଅମୃତଭଣ୍ଡା, ପିଜୁଳି, ପଣସ, ସେଓ ଭଳି ଫଳ ଆମେ ବେଳେବେଳେ ଖାଉ । ଖାଦ୍ୟଶସ୍ୟ, ପନିପରିବା ଓ ଫଳମୂଳ ଚାଷରୁ ମିଳେ । ଯିଏ ଏସବୁ ଚାଷ କରନ୍ତି ତାଙ୍କୁ **ଚାଷୀ** ବା **କୃଷକ** କହୁ ।

ଏହାଛଡ଼ା ସ୍ୱାସ୍ଥ୍ୟ ପାଇଁ ଆମେ ଗାଇ ଓ ମଇଁଷିର କ୍ଷୀର ପିଉ, ମାଛ ଖାଉ । ଅଣ୍ଡା ପାଇଁ କୁକୁଡ଼ା ଓ ବତକ ପାଳୁ । ମାଂସ ପାଇଁ ଛେଳି, ମେଣ୍ଢା ଓ କୁକୁଡ଼ା ଉପରେ ନିର୍ଭର କରୁ । ଏସବୁକୁ ଯେଉଁମାନେ ପାଳି ବ୍ୟବସାୟ କରନ୍ତି, ସେମାନଙ୍କୁ **ଗୋପାଳକ** ଓ **ପଶୁପାଳକ** କୁହାଯାଏ ।

ନିମ୍ନଲିଖିତ ଲୋକମାନେ ଆମକୁ କ'ଣ ଯୋଗାଇଥାଆନ୍ତି ?

| | |
|---|---|
| ଚାଷ କାମ କରୁଥିବା ଲୋକ | |
| ମାଛ ଧରାଳି | |
| ଲୁହା କାମ କରୁଥିବା ଲୋକ | |
| ହାଣ୍ଡିମାଠିଆ ଗଢୁଥିବା ଲୋକ | |
| କାଠକାମ କରୁଥିବା ଲୋକ | |

ଲୋକମାନେ ବିଭିନ୍ନ କାର୍ଯ୍ୟକରି ପରିବାର ଚଳାନ୍ତି । ଏଗୁଡ଼ିକ ସେମାନଙ୍କର **ଜୀବିକା** ବା **ବୃତ୍ତି** ଅଟେ । ଆଗରୁ ପୁରୁଷାନୁକ୍ରମେ ବିଭିନ୍ନ ପରିବାରର ଲୋକେ ଭିନ୍ନ ଭିନ୍ନ କାମକୁ ସେମାନଙ୍କର ଜୀବିକା ରୂପେ ଗ୍ରହଣ କରି ଆସୁଥିଲେ । ଆଜିକାଲି କୌଣସି ପରିବାର ବା ଲୋକଙ୍କୁ ଯେକୌଣସି ବୃତ୍ତି କରିବା ପାଇଁ ମନା ନାହିଁ ।

**ଶିକ୍ଷକଙ୍କ ପାଇଁ ସୂଚନା :**

୧. ନିଜ ଅଞ୍ଚଳରେ ବିଭିନ୍ନ ବୃତ୍ତିରେ ନିୟୋଜିତ ଲୋକଙ୍କ କାର୍ଯ୍ୟସ୍ଥଳୀକୁ ପିଲାଙ୍କୁ ନେଇ ବୁଲି ଦେଖାଇ ପ୍ରତ୍ୟକ୍ଷ ଅନୁଭୂତି ପ୍ରଦାନ କରିବେ ।

୨. ବିଦ୍ୟାଳୟକୁ ବିଭିନ୍ନ ବୃତ୍ତିର ଲୋକଙ୍କୁ ଡାକି ସେମାନଙ୍କ କାମ ବିଷୟରେ ପିଲାଙ୍କ ସହ ଆଲୋଚନା କରାଇବେ ।

# ଅଭ୍ୟାସ

୧. 'କ'ସ୍ତମ୍ଭରେ ଦିଆଯାଇଥିବା ଖାଇବା ଜିନିଷ ସହିତ 'ଖ' ସ୍ତମ୍ଭରୁ ଉପଯୁକ୍ତ ନାମ ବାଛି ଯୋଡ଼ ।

| 'କ'ସ୍ତମ୍ଭ | 'ଖ'ସ୍ତମ୍ଭ |
|---|---|
| ଚାଉଳ | ମତ୍ସ୍ୟଜୀବି |
| ମାଛ | ଗୋପାଳକ |
| ଲହୁଣି | କୃଷକ |
| | କାରିଗର |

୨. ନିମ୍ନରେ କୃଷକ କରୁଥିବା ଗୋଟିଏ କାମ ଲେଖାଯାଇଛି । ସେହିପରି ସେ କରୁଥିବା ଆଉ ତିନୋଟି କାମ ଲେଖ ।

(କ) ଜମି ହଳ କରେ ।

(ଖ)................... । (ଗ)................... । (ଘ)................... ।

୩. ଚାଷୀ ଅମଳ କରୁଥିବା କେତୋଟି ଫସଲର ନାମ ତଳେ ଦିଆଯାଇଛି । ଏଥିରୁ କେଉଁଗୁଡ଼ିକୁ ଆମେ ଡାଲି ଭାବରେ ବ୍ୟବହାର କରୁ ବାଛି ଲେଖ ।

ମାଣ୍ଡିଆ, ହରଡ଼, ଗହମ, କୋଳଥ, କପା, ସୂର୍ଯ୍ୟମୁଖୀ, ନଳିତା, ମୁଗ

୪. ତୁମ ଘରେ କେଉଁ କେଉଁ ପରିବା ଖାଅ, ତା'ର ଏକ ତାଲିକା କର ।

_______________________________________________

_______________________________________________

୫. ଚିତ୍ରଗୁଡ଼ିକୁ ଲକ୍ଷ୍ୟ କର । ଏସବୁ କେଉଁଥିରୁ ତିଆରି ? ଏହା ସହିତ ସଂପୃକ୍ତ ବୃତ୍ତିର ନାମ କ'ଣ ?



୬. କେଉଁ କାମରେ ଲାଗେ ?

କୋଦାଳ ................................ କଳାପଟା.................................

କରତ.................................. ମାଟି....................................

୭. ତଳ ଅକ୍ଷର-ଟେବୁଲରେ ବିଭିନ୍ନ ଜୀବିକା ସଂପର୍କୀୟ ବସ୍ତୁ ଲୁଚି ରହିଛି । ଖୋଜି ବାହାର କରି ଜୀବିକା ସହ ଯୋଡ଼ି ପାଖ ଟେବୁଲରେ ଲେଖ ।

| | | | | | |
|---|---|---|---|---|---|
| ଅ | ଖ | ଡ଼ | ଟା | ବ | ଶ |
| ହା | ଜା | ଲ | ଙ୍ଗି | ନି | ତୁ |
| ଗ | ଟ | ଙ୍ଗ | ଆ | ଶି | ଡ଼ି |
| ଙ୍ଗା | ଳ | ଚ | ସ୍ତ୍ରୀ | ମି | ଙ୍କ |
| ସା | ଫ | କ | ଇ | ଝି | ଣ୍ଡି |

| ବସ୍ତୁ | ଜୀବିକା |
|---|---|
| ହାତୁଡ଼ି | ଲୁହାକାମ |
| | |



ତୁମ ପାଇଁ କାମ -

- ଯେ କୌଣସି ଗୋଟିଏ ବୃତ୍ତି ବିଷୟରେ, ସେହି ବୃତ୍ତି କରୁଥିବା ବ୍ୟକ୍ତିଠାରୁ ପଚାରି ଲେଖ ।
- ତୁମେ ଜାଣିଥିବା ୧୦ଟି ହତିଆରର ନାମ ଲେଖ ଓ ସେଗୁଡ଼ିକର ଚିତ୍ର ଆଙ୍କି ସେଥିରେ ରଙ୍ଗ ଦିଅ ।
- ତୁମେ ଦେଖିଥିବା ୧୦ଟି ଶସ୍ୟ ସଂଗ୍ରହ କର ଓ ସେଗୁଡ଼ିକର ନାମ ଲେଖି ଛୋଟ ଛୋଟ ମୁଣିରେ ସାଇତି ରଖ ।

